# ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ

## ବିଦ୍ୟୁତ୍ ନିୟାମକ ଭବନ

## ୟୁନିଟ - ୮, ଭୁବନେଶ୍ୱର - ୭୫୧୦୧୨

ଉପସ୍ଥିତ : ଶ୍ରୀ ବି କେ ଦାସ, ଅଧ୍ୟକ୍ଷ
ଶ୍ରୀ ଏସ୍ କେ ଜେନା, ସଦସ୍ୟ

**୨୦୦୭ ମସିହା ମାମଲା ନଂ. ୩୩**

ଶୁଣାଣି ତାରିଖ : ୦୩.୦୮.୨୦୦୭

ଆଦେଶ ପ୍ରଦାନ ତାରିଖ : ୦୩.୦୮.୨୦୦୭

ବିଷୟ : ଦଣ୍ଡାସାହି, କୁଜଂଗ ଗ୍ରାମ ପଞ୍ଚାୟତ, ଜିଲ୍ଲା - ଜଗତ୍ସିଂହପୁରର ଗ୍ରାମ୍ୟ ବିଦ୍ୟୁତ୍କରଣ ଏବଂ ୧୦ କେଭିଏ LT Less ଟ୍ରାନ୍ସଫରମର କ୍ଷମତା ବୃଦ୍ଧି ସମ୍ପର୍କରେ

ଆବେଦନକାରୀ : ରାଜେନ୍ଦ୍ର କୁମାର ବେହେରା

ବନାମ

ବିପରୀତ ପକ୍ଷ : ସିଇଓ, ସେସୁ, ଭୁବନେଶ୍ୱର

# ଆଦେଶନାମା

୧. ଆବେଦନକାରୀଙ୍କ ଅନୁସାରେ ଜଗତ୍ସିଂହପୁର ଜିଲ୍ଲା କୁଜଂଗ ଗ୍ରାମପଞ୍ଚାୟତ ଦଣ୍ଡାସାହିରେ ୫୦ରୁ ଅଧିକ ଘର ରହିଛି । ଏଠାରେ ଅଧିକାଂଶ ତଫସିଲଭୁକ୍ତ ଜାତିର ଲୋକ ବସବାସ କରୁଛନ୍ତି । ସେମାନେ ଆର୍ଥିକ ତଥା ସାମାଜିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ।

୨. ଏହି ଗ୍ରାମ ଦେଇ ଯାଇଥିବା ୧୧ କେଭି ଲାଇନରେ ଗୋଟିଏ ୧୦ KVA LT Less ଟ୍ରାନ୍ସଫରମରରୁ ୧୦ଟି ଘରକୁ ଲାଇନ ଦିଆଯାଇପାରିଛି । ଏବେ ସୁଦ୍ଧା ଆହୁରି ୩୦ ପାଖାପାଖି ଘରକୁ ବିଜୁଳି ଯୋଗାଇ ଦିଆଯାଇପାରି ନାହିଁ । ଗ୍ରାମବାସୀମାନେ ୧୯୯୬ ମସିହାରୁ ବିଜୁଳି ଲାଇନ ଆଣିବା ପାଇଁ ଚେଷ୍ଟା କରି ଏ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇପାରି

ନାହାଁନ୍ତି। ସେମାନଙ୍କ ମତରେ ଉଭୟ ରାଜ୍ୟ ସରକାର ଏବଂ ସେସୁ ଏ ବିଷୟରେ ସଂପୂର୍ଣ ଉଦାସିନତା ପ୍ରଦର୍ଶନ କରିଛନ୍ତି ।

୩. ଆବେଦନକାରୀ ଏହି ସମ୍ବନ୍ଧରେ GRF, ପାରାଦ୍ୱୀପଙ୍କ ନିକଟରେ ଆବେଦନ କରିଥିଲେ । GRF, ପାରାଦ୍ୱୀପ ୩ ମାସ ମଧ୍ୟରେ ବିଦ୍ୟୁତ୍‌କରଣ କରିବା ପାଇଁ ସେସୁକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ଆବେଦନକାରୀଙ୍କ ଅଭିଯୋଗ ଯେ ସେସୁ ୩ ମାସ ମଧ୍ୟରେ ଉକ୍ତ କାର୍ଯ୍ୟ କରିପାରିଲେ ନାହିଁ । ଏହାପରେ ଆବେଦନକାରୀ GRFଙ୍କ ଆଦେଶ ସେସୁ ପାଳନ ନ କରିଥିବା ଯୋଗୁଁ CESU, Ombudsman ଙ୍କ ନିକଟରେ ଉପଯୁକ୍ତ ପଦକ୍ଷେପ ନେବାପାଇଁ ଆବେଦନ କଲେ । Ombudsman ନିର୍ଦ୍ଦେଶ ଦେଲେ ଯେ କେବଳ ଉପଯୁକ୍ତ ଅଧିକାରୀ ବିଜୁଳି ଆଇନ ୨୦୦୩ ଧାରା ୧୪୨ ଓ ୧୪୬ ସମ୍ବନ୍ଧୀୟ ଆଦେଶ ଦେଇପାରିବେ ।

୪. ଶେଷରେ ଆବେଦନକାରୀ ଅନୁରୋଧ କରିଛନ୍ତି ଯେ ୧୦ KVA LT Less ଟ୍ରାନ୍ସଫର୍ମରକୁ ୬୩ KVAରେ ପରିଣତ କରି ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଉ ।

୫. କମିଶନ ଉକ୍ତ ଆବେଦନକାରୀଙ୍କ ଠାରୁ ଅଭିଯୋଗ ପାଇଥିଲେ ଯେ GRF ଆଦେଶକୁ ଅବମାନନା କରିଥିବାରୁ ସେସୁ ପ୍ରତି ବିଜୁଳି ଆଇନ ୨୦୦୩ ଧାରା ୧୪୨ ଅନୁଯାୟୀ ବିହିତ ଦଣ୍ଡ ବିଧାନ କରାଯାଉ । ଏଥିପାଇଁ କମିଶନ ତରଫରୁ ସେସୁକୁ ମଧ୍ୟ ୦୬.୦୩.୨୦୦୭ରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା ।

୬. ସେସୁ ଜଣାଇଛନ୍ତି ଯେ GRF, ପାରାଦ୍ୱୀପଙ୍କ ଆଦେଶ ବିରୁଦ୍ଧରେ ସେମାନେ ଓଡିଶା ଉଚ୍ଚ ନ୍ୟାୟାଳୟଠାରେ ଆବେଦନ କରିଛନ୍ତି । ସେସୁ ଅନୁଯାୟୀ ପଡା ଗାଁକୁ ନିଜସ୍ୱ ଅର୍ଥ ବ୍ୟୟ କରି କିମ୍ବା repair, maintenance ଟଙ୍କାରୁ ଖର୍ଚ୍ଚ କରି ବିଦ୍ୟୁତ୍‌କରଣ କରିବା ପାଇଁ ଆଦେଶ ଦେବା GRF ର କ୍ଷମତା ପରିସରଭୂକ୍ତ ନୁହେଁ ।

୭. ଶୁଣାଣି ସମୟରେ ଆବେଦନକାରୀ ଅତି ଦୃଢତାର ସହିତ ଯୁକ୍ତି କରି ଦାବିକଲେ ଯେ ବିଜୁଳି ପାଇବା ଏକ ମୌଳିକ ଆବଶ୍ୟକତା । ତାଙ୍କୁ ସେଥିରୁ ବଞ୍ଚିତ କରାଯାଉଛି । ସେସୁ ସେମାନଙ୍କୁ ବିଜୁଳି ଯୋଗାଇବା ପାଇଁ ବାଧ୍ୟ । ସେସୁ ତରଫରୁ ମଧ୍ୟ ସିଓଓ ଜଣାଇଲେ ଯେ ଏହି ପଡା ଗାଁକୁ ବିଦ୍ୟୁତ୍‌କରଣ କରିବା ପାଇଁ ୨,୧୦,୫୦୦ ଟଙ୍କାର ଅଟକଳ କରାଯାଇଛି ।

୮. ଜଗତ୍‌ସିଂହପୁର ଜିଲ୍ଲା ସମେତ ଅନ୍ୟ ଜିଲ୍ଲାମାନଙ୍କୁ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନାରେ ବିଦ୍ୟୁତ୍‌କରଣ କରିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ସେସୁ ଅନୁସାରେ remunerative scheme ଅନୁସରଣ କରି ଏହି କାର୍ଯ୍ୟ କରିବା ସମ୍ଭବ ନୁହେଁ କାରଣ ଏଠାରେ ବିଜୁଳି ବ୍ୟବହାରର ପରିମାଣ ବହୁତ କମ୍ ହେବ ।

୯. କମିଶନ ଆବେଦନକାରୀଙ୍କର ଆବଶ୍ୟକତା ଯଥାଯଥ ବୋଲି ଅନୁଭବ କରୁଛନ୍ତି । କିନ୍ତୁ, ଓଡିଶାର ଏଭଳି ବହୁ ସଂଖ୍ୟାରେ ପଡା ଗାଁକୁ ମଧ୍ୟ ବିଜୁଳି ଯୋଗାଣର ଆବଶ୍ୟକତା ରହିଛି । ଓଡିଶାର ଏହି ସମସ୍ତ ଗ୍ରାମକୁ ବିଜୁଳି ଯୋଗାଣ କରିବା ପାଇଁ ପ୍ରାକ୍ ଅଟକଳ ୩୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆବଶ୍ୟକତା ଅଛି । ବିଦ୍ୟୁତ ସଂଶୋଧିତ Electricity Act ଅନୁସାରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ କରିବାର ପ୍ରୟାସ କରିବା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ମିଳିତ କର୍ତ୍ତବ୍ୟ ଓ ଦାୟିତ୍ୱ । ତେଣୁ ସରକାର ଏହି ବିଷୟରେ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଆବଶ୍ୟକ ।

୧୦. କମିଶନରଙ୍କର ପ୍ରଶ୍ନରେ ଆବେଦନକାରୀ ଜଣାଇଥିଲେ ଯେ ସେଠାରେ କୌଣସି ହଲର୍ ବା ଛୋଟ ଶିଳ୍ପ ହେବାର ସମ୍ଭାବନା ନାହିଁ । ଗ୍ରାମବାସୀମାନେ ଅତ୍ୟନ୍ତ ଗରୀବ ହୋଇଥିବାରୁ ନିଜେ ମଧ୍ୟ ଅର୍ଥ ସଂଗ୍ରହ କରିପାରିବେ ନାହିଁ । ତେଣୁ କମିଶନ ଆବେଦନକାରୀଙ୍କୁ ଉପଦେଶ ଦେଲେ ଯେ ସେମାନେ MLA ବା MP Lad ରୁ ବିହିତ ଅର୍ଥ ପାଇଁ ଚେଷ୍ଟା କରିପାରନ୍ତି ଅଥବା ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନା କାର୍ଯ୍ୟକାରୀ ହେଲେ ସେମାନେ ଉପକୃତ ହେବେ । ଯେଉଁ ସ୍କିମ୍‌ଟା remunerative ନୁହେଁ ତାକୁ କାର୍ଯ୍ୟକାରୀ କରିବା GRF କ୍ଷମତା ପରିସର ବାହାରେ । ତେଣୁ ଆବେଦନକାରୀ ଦରଖାସ୍ତ କରିଥିବା ୧୪୨ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବା ଏଠାରେ ପ୍ରଯୋଜ୍ୟ ନୁହେଁ ।

୧୧. ଅବଶ୍ୟ, ଏଥି ସହିତ ଉଲ୍ଲେଖ କରିବା ଉଚିତ ଯେ ଓଡିଶା ଉଚ୍ଚ ନ୍ୟାୟାଳୟ ସେସୁର ଆବେଦନ ଉପରେ ଯାହା ନିର୍ଦ୍ଦେଶ ଦେବେ ତାହାହିଁ GRF ଆଦେଶ ପ୍ରତି ଲାଗୁ ହେବ ।

ଆବେଦନ ପତ୍ର ଏତଦ୍ୱାରା ଫଏସଲା କରାଗଲା ।

**(ଏସ୍ କେ ଜେନା)**
**ସଦସ୍ୟ**

**(ବି କେ ଦାସ)**
**ଅଧ୍ୟକ୍ଷ**